# NATIONAL NEWS BULLETIN (ODIA)

**16 March- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ୫ଦିନିଆ ଭାରତ ଗସ୍ତରେ ଆସି ଆଜି ଅପରାହ୍ଣରେ ନୂଆଦିଲ୍ଲୀରେ ପହଞ୍ଚିବେ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ।

- ଆସନ୍ତାକାଲି ପ୍ରଧାନମନ୍ତ୍ରୀଙ୍କ ସହ କରିବେ ଦ୍ୱିପାକ୍ଷିକ ଆଲୋଚନା ।

- ସାଇକଲ ଚାଳନା ମାଧ୍ୟମରେ ସୁସ୍ଥ ଜୀବନଶୈଳୀ ଆପଣେଇବା ଉପରେ ଗୁରୁତ୍ୱ ଦେଲେ ଯୁବବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ।

- ଓଡ଼ିଆ ସାହିତ୍ୟର ଖ୍ୟାତନାମା କବି ପଦ୍ମଭୂଷଣ ରମାକାନ୍ତ ରଥଙ୍କର ପରଲୋକ ।

- ୟେମେନର ରାଜଧାନୀ ସାନା ଉପରେ ଆମେରିକାର ବିମାନ ଆକ୍ରମଣରେ ୩୧ ଜଣଙ୍କର ମୃତ୍ୟୁ ।

ଏବଂ

- ସମଗ୍ର ଦେଶରେ ଆଜି ପାଳନ କରାଯାଉଛି ଜାତୀୟ ଟିକାକରଣ ଦିବସ ।

---

# ନ୍ୟୁଜିଲାଣ୍ଡ ପିଏମ୍-ଇଣ୍ଡିଆ ଭିଜିଟ୍

ନ୍ୟୁଜିଲାଣ୍ଡର ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ ୫ଦିନିଆ ଭାରତ ଗସ୍ତରେ ଆସି ଆଜି ଅପରାହ୍ଣରେ ନୂଆଦିଲ୍ଲୀରେ ପହଞ୍ଚିବେ । ତାଙ୍କ ସହ ମନ୍ତ୍ରିମଣ୍ଡଳର କେତେକ ସଦସ୍ୟ, ବରିଷ୍ଠ ଅଧିକାରୀ, ବ୍ୟବସାୟୀ, ଗଣମାଧ୍ୟମ ଏବଂ ପ୍ରବାସୀ ଭାରତୀୟ ପ୍ରତିନିଧିଙ୍କ ସମେତ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଭାରତ ଗସ୍ତରେ ଆସୁଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ନ୍ୟୁଜିଲାଣ୍ଡ କର୍ତ୍ତୃପକ୍ଷଙ୍କ ସହ ନୂଆଦିଲ୍ଲୀଠାରେ ଆଲୋଚନା କରିବେ । ଏହି ବୈଠକରେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ଲକ୍ଷ୍ୟନେଇ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହେବାର ସମ୍ଭାବନା ରହିଛି । ଏଥିସହ ଆସନ୍ତାକାଲି ନୂଆଦିଲ୍ଲୀଠାରେ ଆରମ୍ଭ ହେବାକୁ ଥିବା ଦଶମ ରାଇସେନା ଆଲୋଚନା ୨୦୨୫ର ଉଦ୍‌ଘାଟନୀ ସମାରୋହରେ ଉଭୟ ନେତା ଅଂଶଗ୍ରହଣ କରିବେ । ନ୍ୟୁଜିଲାଣ୍ଡର ପ୍ରଧାନମନ୍ତ୍ରୀ ଶ୍ରୀ ଲକ୍ସନ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ୍ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଗସ୍ତ ଅବସରରେ ପ୍ରଧାମନ୍ତ୍ରୀ ଶ୍ରୀ ଲକ୍ସନ ମୁମ୍ବଇ ଗସ୍ତରେ ଯାଇ ବ୍ୟବସାୟୀ ଗୋଷ୍ଠୀଙ୍କ ସହ ମତବିନିମୟ କରିବେ ।

ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ଭାଗିଦାରୀକୁ ଅଧିକ ସୁଦୃଢ଼ କରିବା ଏବଂ ବିଭିନ୍ନ କ୍ଷେତ୍ରରେ ସମ୍ପର୍କର ନୂତନ ମାର୍ଗକୁ ଉନ୍ମୋଚନ କରିବା ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀଙ୍କ ଭାରତ ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ।

ରାଇସିନା ଆଲୋଚନା ହେଉଛି ଭୂ-ରାଜନୀତି ଏବଂ ଭୂ-ଅର୍ଥନୀତି ଉପରେ ଭାରତରେ ଅନୁଷ୍ଠିତ ପ୍ରମୁଖ ସମ୍ମିଳନୀ । ବିଭିନ୍ନ କ୍ଷେତ୍ରରେ ବୈଶ୍ୱିକ ସମସ୍ୟାର ମୁକାବିଲା ଦିଗରେ ଏହି ସମ୍ମିଳନୀରେ ମତ ବିନିମୟ ହୋଇଥାଏ । ରାଜନୀତି, ବ୍ୟବସାୟ, ଗଣମାଧ୍ୟମ ଓ ନାଗରିକ ସମାଜର ନେତୃସ୍ଥାନୀୟ ବ୍ୟକ୍ତି ଏବଂ ଆଲୋଚନା ବୈଠକରେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ପରସ୍ପର ସହ ମତ ବିନିମୟ କରିଥାନ୍ତି । ଅବଜରଭର ରିସର୍ଚ୍ଚ ଫାଉଣ୍ଡେସନ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମିଳିତ ସହଯୋଗରେ ପ୍ରତ୍ୟେକ ବର୍ଷ ଏହି ସମ୍ମିଳନୀ ଆୟୋଜିତ ହୋଇଥାଏ ।

## ମନସୁଖ ମାଣ୍ଡବୀୟ

ଯୁବବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ ଆଜି ସକାଳେ ଅହମ୍ମଦାବାଦର ସାବରମତି ନଦୀ ଉପକୂଳ ଅଞ୍ଚଳରେ ଫିଟ୍ ଇଣ୍ଡିଆ ସଣ୍ଡେଜ ଅନ୍ ସାଇକଲ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସାଇକଲ ଚାଳନା ମାଧ୍ୟମରେ ସୁସ୍ଥ ଜୀବନଶୈଳୀ ଆପଣେଇବା ଉପରେ ଡକ୍ଟର ମାଣ୍ଡବୀୟ ଗୁରୁତ୍ୱାରୋପ କରିବା ସହ ଏଭଳି ଅଭିଯାନ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ସଂକଳ୍ପକୁ ପୂରଣ କରିବାରେ ସହାୟକ ହେବ ବୋଲି ଆଶାପ୍ରକାଶ କରିଥିଲେ । ମେଦବହୁଳତାର ମୁକାବିଲା ପାଇଁ ସାଇକଲ ଚଳାଇବା ଏକ ପ୍ରଭାବଶାଳୀ ଉପାୟ ହୋଇପାରିବ । ଲୋକଙ୍କ ମଧ୍ୟରେ ସୁସ୍ଥ ଜୀବନଶୈଳୀ ପାଇଁ ସଚେତନତା ସୃଷ୍ଟି ଉପରେ ସେ ଗୁରୁତ୍ୱ ଦେଇଥିଲେ ।

**V/O**

ଭାରତୀୟ ସାଇକ୍ଲିଂ ମହାସଂଘ ଏବଂ ମେରା ଯୁବ ଭାରତର ମିଳିତ ଆନୁକୂଲ୍ୟରେ ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଓ୍ୱିମେନ୍ସ୍ ରେଲୱେ ଷ୍ଟେସନ

ଦକ୍ଷିଣ-କେନ୍ଦ୍ରୀୟ ରେଳ ଡିଭିଜନ ଅନ୍ତର୍ଗତ ହାଇଦ୍ରାବାଦର ବେଗୁମପେଟ ରେଳଷ୍ଟେସନ ସମ୍ପୂର୍ଣ୍ଣ ଭାବେ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବା ନେଇ କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀ ଜି. କିଷନ ରେଡ୍ଡୀ ଘୋଷଣା କରିଛନ୍ତି । ଅମୃତ ଭାରତ ଷ୍ଟେସନ ପରିଯୋଜନା ଅନ୍ତର୍ଗତ ଏହି ରେଳଷ୍ଟେସନର ଆଧୁନିକୀକରଣ କାର୍ଯ୍ୟ ବୁଲି ଦେଖିବା ଅବସରରେ ମନ୍ତ୍ରୀ ଶ୍ରୀ ରେଡ୍ଡୀ କହିଛନ୍ତି ସମ୍ପୂର୍ଣ୍ଣ ମହିଳା କର୍ମଚାରୀ ରେଲୱେ ଷ୍ଟେସନ ଭାବେ ଏହା ଖୁବ୍‌ଶୀଘ୍ର ଉଦ୍‌ଘାଟିତ ହେବ । ମନ୍ତ୍ରୀ କହିଛନ୍ତି ଏହି ରେଳଷ୍ଟେସନର ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ଦୁଇଟି ପର୍ଯ୍ୟାୟରେ ୪୦କୋଟି ଟଙ୍କା ଖର୍ଚ୍ଚ ହୋଇ ସାରିଲାଣି । ଏହାର ପୁନଃବିକାଶ କାର୍ଯ୍ୟ ଇତିମଧ୍ୟରେ ୯୦ ପ୍ରତିଶତ ଶେଷ ହୋଇଥିବା ଜଣାଯାଇଛି । ତେଲେଙ୍ଗାନାରେ ୪୦ଟି ରେଲୱେ ଷ୍ଟେସନର ଆଧୁନିକୀକରଣ କାର୍ଯ୍ୟ ଜାରି ରହିଥିବାବେଳେ ରାଜ୍ୟରେ ଥିବା ୨୨ଟି ନୂତନ ରେଳପ୍ରକଳ୍ପର ବିକାଶ ନିମନ୍ତେ ୩୨ହଜାର କୋଟି ଟଙ୍କା ବ୍ୟୟ ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି ।

# ରମାକାନ୍ତ ରଥଙ୍କ ପରଲୋକ

ଆଧୁନିକ ଓଡ଼ିଆ ସାହିତ୍ୟର ଖ୍ୟାତନାମା କବି ପଦ୍ମଭୂଷଣ ରମାକାନ୍ତ ରଥଙ୍କର ଆଜି ସକାଳେ ୯୧ ବର୍ଷ ବୟସରେ ଭୁବନେଶ୍ୱରଠାରେ ପରଲୋକ ଘଟିଛି । ତାଙ୍କ ବିୟୋଗରେ ସାହିତ୍ୟ ଜଗତରେ ଶୋକର ଛାୟା ଖେଳିଯାଇଛି । ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ୧୯୫୭ ବ୍ୟାଚ୍ ଆଇଏଏସ୍ ଅଧିକାରୀ ରମାକାନ୍ତ ରଥ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଭାବେ କାର୍ଯ୍ୟ କରିଥିଲେ । ଏହାଛଡା ଶ୍ରୀ ରଥ କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ବହୁ ପ୍ରମୁଖ ପଦପଦବୀରେ ଅଧିଷ୍ଠିତ ଥିଲେ । ତାଙ୍କର ଓଡ଼ିଆ କାବ୍ୟକବିତା ମଧ୍ୟରେ 'ଶ୍ରୀରାଧା' ଏକ ସ୍ୱତନ୍ତ୍ର ପରିଚୟ ବହନ କରେ । ତାଙ୍କର ଗଭୀର ଅର୍ନ୍ତଦୃଷ୍ଟି କାବ୍ୟ ଜଗତକୁ ଋଦ୍ଧିମନ୍ତ କରିଥିଲା । ସାହିତ୍ୟ ଜଗତକୁ ମହତ୍ୱପୂର୍ଣ୍ଣ ଅବଦାନ ପାଇଁ ୨୦୦୬ ମସିହାରେ  ଶ୍ରୀ ରଥଙ୍କୁ ଭାରତର ତୃତୀୟ ସର୍ବୋଚ୍ଚ ନାଗରିକ ସମ୍ମାନ ପଦ୍ମଭୂଷଣ ଉପାଧି ପ୍ରଦାନ କରାଯାଇଥିଲା । ଶ୍ରୀ ରଥ ୧୯୯୮ରୁ ୨୦୦୩ ମଧ୍ୟରେ କେନ୍ଦ୍ର ସାହିତ୍ୟ ଏକାଡେମୀର ସଭାପତି ଅବସ୍ଥାପିତ ଥିଲେ । ତାଙ୍କର ମରଶରୀରକୁ ଆସନ୍ତା କାଲି ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯିବ ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଶ୍ରୀ ରଥଙ୍କର ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି । ଓଡ଼ିଆ ସାହିତ୍ୟକୁ ତାଙ୍କର ସାମଗ୍ରିକ ଅବଦାନ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶାକୁ ସୁନାମ ଆଣିଦେଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି ।

# ଇରାନ-ଆମେରିକା

ଇରାନ ସମର୍ଥିତ ହୁତି ବିଦ୍ରୋହୀ ଗୋଷ୍ଠୀଙ୍କୁ ଲକ୍ଷ୍ୟକରି ୟେମେନ୍‌ର ରାଜଧାନୀ ସାନା ଉପରେ ଗତକାଲି ଆମେରିକାର ବିମାନ ଆକ୍ରମଣରେ ୩୧ ଜଣଙ୍କର ମୃତ୍ୟୁ ହୋଇଛି । ୟେମେନ ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଆକ୍ରମଣ ଘଟଣାରେ ୧୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତିଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପଶ୍ଚିମ ଏସିଆରେ ଆମେରିକା ପକ୍ଷରୁ ଏହା ହେଉଛି ସବୁଠାରୁ ବଡ ସାମରିକ ଅଭିଯାନ । ଲୋହିତ ସାଗରରେ ଇସ୍ରାଏଲ ସହ ଜଡିତ ଜାହାଜ ଉପରେ ପୁନଃ ଆକ୍ରମଣ କରିବାକୁ ହୁତୀ ବିଦ୍ରୋହୀ ଗୋଷ୍ଠୀ ଧମକ ଦେବା ପରେ ଆମେରିକା ପକ୍ଷରୁ ଏହି ଆକ୍ରମଣ କରାଯାଇଥିବା ଜଣାପଡିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ଟ୍ରମ୍ପ ହୁତୀ ବିଦ୍ରୋହୀ ଗୋଷ୍ଠୀଙ୍କୁ ଆକ୍ରମଣ ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି । ଅନ୍ୟପକ୍ଷରେ ଆମେରିକାର ବୈଦେଶିକ ବିଭାଗ କହିଛି ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ ରୁଷ୍ ପ୍ରତିପକ୍ଷ ସେରଗେଇ ଲାଭରୋଭଙ୍କ ସହ କଥାବାର୍ତ୍ତା କରିଛନ୍ତି । ହୁତି ବିଦ୍ରୋହୀ ଗୋଷ୍ଠୀଙ୍କ ବିରୋଧରେ ନିଆଯାଇଥିବା ସାମରିକ ଅଭିଯାନ ସମ୍ପର୍କରେ ରୁଷ୍‌କୁ ଅବଗତ କରାଯାଇଛି ବୋଲି ଆମେରିକାର ବୈଦେଶିକ ବିଭାଗ ସୂଚନା ଦେଇଛି ।   ଲୋହିତ

ସାଗରରେ ଆମେରିକାର ସାମରିକ ଓ ବାଣିଜ୍ୟିକ ଜାହାଜ ଗୁଡ଼ିକ ଉପରେ ହୁତି ବିଦ୍ରୋହୀ ଗୋଷ୍ଠୀଙ୍କ ଆକ୍ରମଣକୁ ବରଦାସ୍ତ କରାଯିବ ନାହିଁ ବୋଲି ଆମେରିକା ପକ୍ଷରୁ କୁହାଯାଇଛି । ଅନ୍ୟପକ୍ଷରେ ଇରାନର ବୈଦେଶିକ ମନ୍ତ୍ରୀ ସୟଦ ଆବାସ୍ ଆରାବଚ୍ଛି ଆମେରିକାର ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି ଇରାନର ବୈଦେଶିକ ନୀତି ନିର୍ଦ୍ଧାରଣ କରିବାରେ ଆମେରିକାର କୌଣସି ଅଧିକାର ନାହିଁ । ୟେମେନ ନାଗରିକଙ୍କୁ ହତ୍ୟା ବନ୍ଦ କରିବାକୁ ସେ ଆମେରିକାକୁ ଚେତାବନୀ ଦେଇଛନ୍ତି ।

# ଜେକେ କ୍ୟାବିନେଟ୍

ଜାମ୍ମୁକାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ଭଳି ଜଟିଳ ପ୍ରସଙ୍ଗର ଅନୁଧ୍ୟାନ ନିମନ୍ତେ ଏକ କ୍ୟାବିନେଟ୍ ସବ୍‌କମିଟି ଗଠନ କରିଛନ୍ତି । ଏହି କମିଟି ଆସନ୍ତା ୬ ମାସ ମଧ୍ୟରେ ତା'ର ରିପୋର୍ଟ ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ ରାଜ୍ୟ ବିଧାନସଭାରେ ଉଠିଥିବା ଦାବିର ଉତ୍ତରରେ ଏହା ସ୍ପଷ୍ଟ କରିଛନ୍ତି ।

ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ନିୟମ ସମ୍ପର୍କରେ ଉଠିଥିବା ଆପତ୍ତିର ଅନୁଧ୍ୟାନ ନିମନ୍ତେ ଏହି କ୍ୟାବିନେଟ୍ ସବ୍‌କମିଟି ଗଠନ କରାଯାଇଛି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟ ଜରିଆରେ ଶ୍ରୀ ଅବଦୁଲ୍ଲା କହିଛନ୍ତି ନିଯୁକ୍ତି ଆଶାୟୀ ବର୍ଗଙ୍କ ସହ ଆଲୋଚନା ପରେ ସେ ଏହି କମିଟି ଗଠନ

କରିଛନ୍ତି । ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ଏହି କମିଟି ନିଯୁକ୍ତି ନିୟମ ଆଧାରରେ ଆବଶ୍ୟକ ସୁଧାର ଆଣି ତା'ର ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ନ୍ୟାସନାଲ ଭାକ୍ସିନେସ ଡେ

ସାରା ଦେଶରେ ଆଜି ଜାତୀୟ ଟୀକାକରଣ ଦିବସ ପାଳନ କରାଯାଉଛି । ପ୍ରତିବର୍ଷ ମାର୍ଚ୍ଚ ମାସ ୧୬ ତାରିଖ ଆଜିର ଦିନରେ ଏହି ଦିବସ ପାଳନ କରାଯାଇଥାଏ । ଜନସାଧାରଣଙ୍କ ମଧ୍ୟରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ନିମନ୍ତେ ଜନସଚେତନତା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଇଥାଏ । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟ ଜରିଆରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି ଏହି ଟୀକାକରଣ ମାଧ୍ୟମରେ ଜାତୀୟ ସ୍ତରରେ ଶିଶୁମାନଙ୍କୁ ସୁରକ୍ଷିତ ରଖିବା ନିମନ୍ତେ ଲକ୍ଷ୍ୟପୂରଣ ହୋଇପାରିବ । ଏହି ଅବସରରେ ମନ୍ତ୍ରୀ ସମସ୍ତ ରାଜ୍ୟ ସରକାର ଏବଂ ଉତ୍ସର୍ଗୀକୃତ ସ୍ୱାସ୍ଥ୍ୟକର୍ମୀ ମାନଙ୍କୁ ଏହି ଅଭିଯାନରେ ସାମିଲ ହେବା ନିମନ୍ତେ ଆହ୍ୱାନ ଦେଇଛନ୍ତି । ପିଲାମାନଙ୍କ କ୍ଷେତ୍ରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ନିମନ୍ତେ ୨୦୧୪ ମସିହାରେ ମିଶନ ଇନ୍ଦ୍ରଧନୁଷ ଯୋଜନା କାର୍ଯ୍ୟକାରୀ କରାଯାଇଥିଲା । ଏହି ଯୋଜନାର ଲକ୍ଷ୍ୟ ହେଲା ଶିଶୁ ମୃତ୍ୟୁହାର ହ୍ରାସ କରିବା ଏବଂ ଶିଶୁମାନଙ୍କ କ୍ଷେତ୍ରରେ ବ୍ୟାପକ ଟୀକାକରଣ କାର୍ଯ୍ୟ ହାତକୁ ନେବା । ଏହି

ଯୋଜନାର ଅନ୍ୟତମ ଲକ୍ଷ୍ୟ ହେଲା ୨ବର୍ଷରୁ କମ୍ ଶିଶୁ ଏବଂ ଗର୍ଭବତୀ ମହିଳାମାନଙ୍କୁ ସମ୍ପୂର୍ଣ୍ଣ ଟୀକାକରଣ କରିବା ।

# ଉତ୍ତରାଖଣ୍ଡ ମା ପୂର୍ଣ୍ଣଗିରୀ ଫେୟାର

ଉତ୍ତରାଖଣ୍ଡର ଚମ୍ପାବତ ଜିଲ୍ଲାର ତନକପୁରଠାରେ ଥିବା ମା' ପୂର୍ଣ୍ଣଗିରି ପ୍ରସିଦ୍ଧ ମେଳା ପ୍ରବଳ ଆଗ୍ରହ ଓ ଉତ୍କଣ୍ଠାର ସହ ଆରମ୍ଭ କରାଯାଇଛି । ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଏହି ମେଳାକୁ ଗତକାଲି ଉଦ୍‌ଘାଟନ କରିଥିଲେ । ଏହି କ୍ଷେତ୍ରର ପୂର୍ଣ୍ଣ ବିକାଶ ଏବଂ ବର୍ଷତମାମ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବା ନିମନ୍ତେ ସରକାରଙ୍କର ପ୍ରତିବଦ୍ଧତାକୁ ଶ୍ରୀ ଧାମି ପ୍ରକାଶ କରିଛନ୍ତି । ଜନଗହଳିକୁ ନିୟନ୍ତ୍ରଣ କରିବା ଏବଂ ପ୍ରାକୃତିକ ଦୁର୍ବିପାକକୁ ପରିଚାଳନା କରିବା ନିମନ୍ତେ ଏକ ସ୍ମାର୍ଟ କଣ୍ଟ୍ରୋଲ ରୁମ୍ ଓ ସିସିଟିଭି ଟୁଲିଗଡଠାରେ ସ୍ଥାପନ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ମା' ପୂର୍ଣ୍ଣଗିରି ଧାମର ଆଧ୍ୟାତ୍ମିକ ଓ ପର୍ଯ୍ୟଟନ ହବ୍‌ର ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ମାନସଖଣ୍ଡ ଟେମ୍ପୁଲ ମାଳା ମିଶନ ଯୋଜନାରେ କୁମାୟୁଁ ଅଞ୍ଚଳରେ ଥିବା ମନ୍ଦିର ଗୁଡ଼ିକର ସୌନ୍ଦର୍ଯ୍ୟକରଣ ଏବଂ ସଡ଼କ ପ୍ରଶସ୍ତିକରଣର ଯୋଜନା

ସରକାର ହାତକୁ ନେଇଛନ୍ତି । ପୂର୍ଣ୍ଣଗିରି ମନ୍ଦିରକୁ ସହଜରେ ଯିବା ନିମନ୍ତେ ରୋପ-ୱେ କାର୍ଯ୍ୟ ଜାରି ରହିଛି ।